## ସଂକ୍ଷେପରେ

### ଖଣି କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ତାଳଚେର,୬।୧(ନି.ପ୍ର.)- ନନ୍ଦିରା ରେଳଲାଇନ ନିକଟରୁ ରବିବାର ଜଣେ ଖଣି କର୍ମଚାରୀଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ତାଙ୍କ ନାମ ରସାନନ୍ଦ ନାଏକ (୩୮) ଓ ଘର କଳମଛୁଇଁ ଗ୍ରାମରେ ବୋଲି ଜଣାପଡିଛି। ସେ ଭରତପୁର କୋଇଲା ଖଣିରେ କାମ କରୁଥିଲେ। ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ବାପା ପଞ୍ଚାନନ ନାଏକ ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ବୋହୂର ବାପା ଓ ଅନ୍ୟମାନେ ରସାନନ୍ଦଙ୍କୁ ମାରି ରେଳ ଲାଇନରେ ପକାଇ ଦେଇଛନ୍ତି। କଲିଆରୀ ଥାନାରେ ଏ ସଂକ୍ରାନ୍ତରେ ନମ୍ବର ୬/୧୯ରେ ଏକ ମାମଲା ରୁଜୁ କରାଯାଇଛି।

### ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

ଛେଣ୍ଡିପଦା, ୬।୧(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ଅନୁଗୋଳ-ସମ୍ବଲପୁର ୬୩ ନଂ. ରାଜ୍ୟ ରାଜପଥର ଛେଣ୍ଡିପଦା ନିକଟସ୍ଥ ଗୁଡିମରା ଜଙ୍ଗଲ ନିକଟରେ ମଙ୍ଗଳବାର ଏକ ଟ୍ରକ ସହ ଏକ ବାଇକର ମୁହାଁମୁହିଁ ହୋଇଥିଲା। ଏଥିରେ ଗୁରୁତର ହୋଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଗ୍ରାମର କାଳିଆ ପ୍ରଧାନ(୧୮)ଙ୍କ ରବିବାର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ବାଇକ ଚାଳକ ସେହି ଗ୍ରାମର ସତ୍ୟବ୍ରତ ଗଡତିଆ(୧୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

### ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ

ଛେଣ୍ଡିପଦା, ୬।୧(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଗଡମଣ୍ଡଳ ସରକାରୀ ଉଚ୍ଚବିଦ୍ୟାଳୟରେ ଚାଲିଥିବା ୬ଷ୍ଠ ଜିଲାସ୍ତରୀୟ ବାର୍ଷିକ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାଳନ୍ଦୀ ଚରଣ ସାହୁଙ୍କ ନେତୃତ୍ୱରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରୀତା କେର୍କେଟାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ବାସନ୍ତୀ କିଶାନ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଗୌରୀ ପ୍ରଧାନ, ଜିଲା ରେଡକ୍ରସ ଉପଦେଷ୍ଟା ରାକେଶ ସିହ୍ନା, ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବିନୋଦ କୁମାର ଦେହୁରୀ ସଭା ପରିଚାଳନା କରିଥିଲେ। ଶିବିରରେ ଜିଲାର ୨୦୩ ବିଦ୍ୟାଳୟର ୫୯ ଛାତ୍ରୀ ଓ ୨୫୧ ଛାତ୍ର ଯୋଗ ଦେଇଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରେଡକ୍ରସର ଛାତ୍ରୀଛାତ୍ର ପାତ୍ରପଡା ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କଠାରୁ ସାହାଯ୍ୟ ମାଗି ୧୧ ହଜାର ଟଙ୍କା ସଂଗ୍ରହ କରିଥିଲେ। ସେହି ଟଙ୍କା ଅସହାୟ ହୀରା ପ୍ରଧାନ, ଅହଲ୍ୟା ପ୍ରଧାନ, ପାତ୍ରପଡା ଗ୍ରାମର ଭାଲୁ ବେହେରା, ଖଇରବେରେଣୀର ଦିବ୍ୟାଙ୍ଗ ସଂଯୁକ୍ତା ନାଏକଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ନାଲ୍‌କୋସ୍ଥିତ କେଦାରଗୌରୀ ଅନ୍ଧ ମୂକ ବଧିର ଅନୁଷ୍ଠାନକୁ ୩୩ ଶହ ଟଙ୍କା ପ୍ରଦାନ କରିଥିଲେ।

# ଜେଲ୍ ଗଲେ ଦୁର୍ଦ୍ଦାନ୍ତ ଝସକେତନ

**ଅନୁଗୋଳ ଅଫିସ, ୬।୧**

ଅନୁଗୋଳ କୋର୍ଟ ହାଜତ ଶୌଚାଳୟ ଆଜବେଷ୍ଟସ ଛାତ ଭାଙ୍ଗି ଫେରାର ହେବାର ୭ ମାସ ପରେ ପୋଲିସ ହାତରେ ଧରାପଡ଼ିଛନ୍ତି ବହୁଚର୍ଚ୍ଚିତ କୁଶକିଲା ଡବଲ ମର୍ଡର ଓ କୁକୁରପେଟା ମାଉସୀ-ପୁତୁରା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଝସକେତନ ରାଉତ। ଦେବଗଡ଼ ଜିଲା ଟାଉନ୍ ଥାନା ସାମନ୍ତରାପାଲି ଗ୍ରାମରୁ ଅନୁଗୋଳ

- ଫାଶୀ ରାୟ ଆସିପାରେ ଭାବି ଭୟରେ ଫେରାର ହୋଇଯାଇଥିଲେ
- ସହଯୋଗୀ, ଆର୍ଥିକ କାରବାରର ହେବ ତଦନ୍ତ
- ୫ ଦିନିଆ ରିମାଣ୍ଡରେ ଆଣିବାକୁ ହେବ ଆବେଦନ

ଏସ୍‌ପିଙ୍କ ଦ୍ୱାରା ଗଠିତ ସ୍ପେଶାଲ ସ୍କ୍ୱାଡ୍ ତାଙ୍କୁ ଶନିବାର ସନ୍ଧ୍ୟାରେ ଧରିବାରେ ସଫଳ ହୋଇଥିଲା। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି ଏସ୍‌ପି ମିତ୍ରଭାନୁ ମହାପାତ୍ର। ଏଥିସହ ଏତେଦିନ ଧରି କିଏ ଝସକେତନଙ୍କୁ ସହାୟତା କରୁଥିଲେ ଓ ଆର୍ଥିକ ସହାୟତା ଦେଉଥିଲେ ସେ ନେଇ ତଦନ୍ତ ସହ ଆଗାମୀ ଦିନରେ



ଖବରଦାତା ସମ୍ମିଳନୀରେ ପୋଲିସ ଝସକେତନଙ୍କୁ ହାଜର କରାଇଛି।

୫ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି ଏସ୍‌ପି କହିଛନ୍ତି।

ଏସ୍‌ପି କହିଛନ୍ତି ଯେ, ମେ ୧୮ରେ କୋର୍ଟ ପରିସରରୁ ଫେରାର ହେବା ପରେ ଝସକେତନ ବୁଢ଼ୀ ଠାକୁରାଣୀ ଛକରୁ ଭୁବନେଶ୍ୱର ଯାଇଥିଲେ। ପରେ ସେଠାରୁ କଲିକତା, ଗୁଜରାଟ ଓ ମହାରାଷ୍ଟ୍ରରେ ଯାଇ କିଛିଦିନ ଲୁଚି ରହିଥିଲେ। ଦେଢ଼ମାସ ହେବ ସେ ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରହୁଥିଲେ। ଶନିବାର ଏସ୍‌ଆଇ ଦୀନକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ଦେବଗଡ଼ ଯାଇ ବିଭିନ୍ନ ସ୍ଥାନରେ ଡେରା ପକାଇଥିଲେ ମଧ୍ୟ ଝସକେତନଙ୍କ ଟେର ପାଇ ନ ଥିଲେ। ତେବେ ଅନୁଗୋଳ ଫେରିବା ସମୟରେ ଏକ ବାଇକ୍‌ରେ ମାସ୍କ ପିନ୍ଧି ଯାଉଥିବା ଜଣେ ଯୁବକକୁ ଦେଖି ସନ୍ଦେହରେ ପିଛା କରିଥିଲେ। ଏହି ସମୟରେ ଝସକେତନ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ସ୍ପେଶାଲ ସ୍କ୍ୱାଡ୍ ସଦସ୍ୟମାନେ ତାଙ୍କୁ ମାଡ଼ି ବସିଥିଲେ। ଜେଲ ହାଜତରୁ ଫେରାର କରାଇବାରେ କିମ୍ବା ଆର୍ଥିକ ସାହାଯ୍ୟ କେହି କରି ନ ଥିବା ପଚରାଉଚରା ବେଳେ ଝସକେତେନ କହିଛନ୍ତି। ତେଣୁ ଏ ନେଇ ଅଧିକ ତଦନ୍ତ କରିବାକୁ ତାଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରାଯିବ ଏସ୍‌ପି କହିଛନ୍ତି। କୋର୍ଟରେ ଶୁଣାଣି ସମୟରେ ଫାଶୀର ରାୟ ଆସିପାରେ ବୋଲି ଭାବି ଭୟଭୀତ ହୋଇ ଝସକେତନ ଫେରାର ହୋଇଯାଇଥିଲେ ବୋଲି ଅନୁଗୋଳ ପୋଲିସ ନିକଟରେ ସ୍ୱୀକାର କରିଥିବା ଏସ୍‌ପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ସେକେଣ୍ଡ ଆଇଆଇସି ଦୀପିକା ରାୟ, ଜରପଡ଼ା ଥାନା ଅଧିକାରୀ ବିନ୍ଦୁ ବାସିନୀ ବିଶ୍ୱାଳ, ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ଦୀନକୃଷ୍ଣ ମିଶ୍ର, ଏଏସ୍‌ଆଇ ପ୍ରଶାନ୍ତ ବେହେରା ଉପସ୍ଥିତ ଥିଲେ।

### କେମିତି ପାରିଥିଲେ ଚମ୍ପଟ

ଶୌଚାଳୟ ଆଜବେଷ୍ଟସ ତାଡ଼ି କୋର୍ଟ ପରିସର ଡେଇଁବା ପରେ ଝସକେତନ ସଭାଘର ଦେଇ ବୁଢ଼ୀ ଠାକୁରାଣୀ ମନ୍ଦିର ଛକକୁ ଯାଇଥିଲେ। ସେଠାରୁ ଏକ ଅଟୋରେ ନାଲ୍‌କୋ ସିପିପି ଛକକୁ ଯାଇ ବସ୍‌ରେ ଭୁବନେଶ୍ୱରର ରସୁଲଗଡ଼ ପଳାଇଥିଲେ। ଦୁଇ ଦିନ ସେଠାରେ ରହିଥିଲେ ବି ସ୍ଥାନ ସମ୍ପର୍କରେ ପୋଲିସକୁ ଏଯାଏ ସେ ସୂଚନା ଦେଇନାହାନ୍ତି। ତେବେ ଭୁବନେଶ୍ୱରରୁ ଏକ ଟ୍ରକ୍‌ରେ କଲିକତା ଯାଇଥିବା ପୋଲିସ ଆଗରେ କହିଛନ୍ତି। କଲିକତାରେ ପୋଲିସ ଚଢ଼ାଉ କରୁଥିବା ଖବର ପାଇ ସେ ଗୁଜରାଟ ଓ ମହାରାଷ୍ଟ୍ର ଚାଲିଯାଇଥିଲେ। କିନ୍ତୁ ଦେଢ଼ମାସ ହେବ ଅନୁଗୋଳ ଜିଲା ସୀମାନ୍ତ ଦେବଗଡ଼ ଓ ସମ୍ବଲପୁରରେ ରହୁଥିଲେ। ଦେବଗଡ଼ର ସାମନ୍ତରାପୁରସ୍ଥିତ କମଳ ମୁଣ୍ଡାଙ୍କ ଘରେ ତାଳଚେର ଅଞ୍ଚଳର ସୁମନ ଦାସ ଓରଫ ମନୋଜ ପରିଚୟ ଦେଇ ରହିବା ସହ ଗାଁ ପିଲାଙ୍କୁ ଟ୍ୟୁଶନ କରୁଥିଲେ।

### ବିଚଳିତ କରିଥିଲା ଫାଶୀ ଚର୍ଚ୍ଚା

ଜରପଡ଼ା ଥାନା ଅଧୀନରେ ଝସକେତନ କରିଥିବା ଚାରି ଚାରିଟି ହତ୍ୟାକାଣ୍ଡର ବିଚାର ଅନୁଗୋଳ କୋର୍ଟରେ ଚାଲିଥିଲା। କୋର୍ଟକୁ ଯିବାଆସିବା ସମୟରେ ଫାଶୀ ପାଇବେ ବୋଲି ହେଉଥିବା ଚର୍ଚ୍ଚା ତାଙ୍କ କାନରେ ପଡୁଥିଲା। ଏହା ତାଙ୍କୁ ଭୟଭୀତ କରିଦେଇଥିଲା। ଏଥିରୁ କିପରି ବର୍ତ୍ତିବେ ସେଥିପାଇଁ ଦୀର୍ଘଦିନରୁ ସେ ଯୋଜନା କରୁଥିଲେ। କୋର୍ଟ ପରିସରରେ ଥିବା ମହିଳା ଶୌଚାଳୟକୁ କେହି ଯାଉ ନ ଥିବା ସେ ଲକ୍ଷ୍ୟ କରୁଥିଲେ। ଉକ୍ତ ଶୌଚାଳୟକୁ ଯାଇ ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥିଲେ। ମେ ୧୮ରେ ସୁଯୋଗ ମିଳିବା ମାତ୍ରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ଡେଇଁ କୋର୍ଟ ହାଜତରୁ ସେ ଚମ୍ପଟ ମାରିଥିଲେ।

### ସନ୍ଦେହରେ ଗୋଡ଼ାଇଥିଲା ସ୍ପେଶାଲ ସ୍କ୍ୱାଡ୍

ଝସକେତନ ଅନୁଗୋଳରେ ବୁଲୁଛନ୍ତି। ସାକ୍ଷୀଙ୍କୁ ପ୍ରଭାବିତ କରୁଛନ୍ତି। ଏପରି କେତେ କ'ଣ ଗୁଜବ ଗତ ୭ ମାସ ମଧ୍ୟରେ ଉଠିଥିଲା। ପରେ ଝସକେତନ ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ବୁଲୁଥିବା ଖବର ମିଳିଥିଲା। ଏହାକୁ ଅଧାର କରି ପୋଲିସ ଅପରେଶନ୍ ଝସକେତନ ଚଳାଇଥିଲା। ଏହାଛଡ଼ା ଝସକେତନଙ୍କୁ ଧରିବାକୁ ଗଢ଼ାଯାଇଥିବା ୩ଟି ଟିମ୍ ମଧ୍ୟରୁ ଗୋଟିଏ ଟିମ୍ ରାଜ୍ୟ ବାହାରରେ ଘୂରି ବୁଲିବା ସହ ତାଙ୍କ ସମ୍ପର୍କୀୟ ଓ ପୈତୃକ ଘର ଉପରେ ନଜର ରଖିଥିଲା। ଅନ୍ୟ ଏକ ଟିମ୍ ସୋସିଆଲ୍ ନେଟୱାର୍କକୁ ନିରୀକ୍ଷଣ କରୁଥିଲା। ୩ୟ ଟିମ୍ ତାଙ୍କ ଆକାଉଣ୍ଟ ସହ ସମ୍ପତ୍ତି ଓ ଆର୍ଥିକ କାରବାର ସମ୍ପର୍କରେ ଖୋଳତାଡ଼ ଚଳାଇଥିଲା। ଶନିବାର ସ୍ପେଶାଲ ସ୍କ୍ୱାଡ୍ ଦେବଗଡ଼ରୁ ଫେରିବା ବେଳେ ମାସ୍କ ପିନ୍ଧା ବାଇକ୍ ଆରୋହୀଙ୍କୁ ସନ୍ଦେହରେ ଗୋଡ଼ାଇ ଝସକେତେନଙ୍କୁ ଧରିବାରେ ସଫଳ ହୋଇଥିଲା।

### ମୁଁ କିଛି କହିବି

ଝସକେତନଙ୍କୁ କୋର୍ଟ ଚାଲାଣ କରିବା ପୂର୍ବରୁ ପୋଲିସ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲା। ଏଥିରେ ପୋଲିସ ଘଟଣାକ୍ରମ କହି ସାରିବା ପରେ ଝସକେତନ କିଛି କହିବି ବୋଲି କହିଥିଲେ। ଏହାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। କିନ୍ତୁ ପୋଲିସ ତାଙ୍କୁ କିଛି କହିବାକୁ ଦେଇ ନ ଥିଲା। ପୂର୍ବରୁ ମଧ୍ୟ ଝସକେତନ ଗିରଫ ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଭିନ୍ନ ଅଯୌକ୍ତିକ ମନ୍ତବ୍ୟ ଦେଇଥିବା ଲକ୍ଷ୍ୟ କରାଯାଇଛି।

## କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ତାଳଚେର, ୬।୧(ନି.ପ୍ର.)**

ତାଳଚେରର ହାଣ୍ଡିଧୁଆ ଓ ଶର୍ମାଛକ ଠାରେ ପ୍ରସ୍ତାବିତ ଓଭରବ୍ରିଜ୍ ନିର୍ମାଣକୁ ନେଇ ରବିବାର ବଣିକ ସଂଘ ପକ୍ଷରୁ ଭୁବନେଶ୍ୱର ଠାରେ ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ୍ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଭରବ୍ରିଜ୍ ନିର୍ମାଣ ହେଲେ ହାଣ୍ଡିଧୁଆ ଠାରୁ ଆଇଟିଆଇ ଛକ ପର୍ଯ୍ୟନ୍ତ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ସ୍ଥାୟୀ ବ୍ୟବସାୟୀ ଏବଂ ଦୁଇ ହଜାରରୁ ଅଧିକ ଅସ୍ଥାୟୀ ବ୍ୟବସାୟୀଙ୍କ ସମେତ ହଜାର ହଜାର ଜନସାଧାରଣ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଜିବନ ଜୀବିକା ହରାଇବେ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପରେ ରେଳ ଲାଇନ ଏବଂ ତଳେ ଯାନବାହାନ ଚଳାଚଳ ପାଇଁ ରାସ୍ତା ନିର୍ମାଣ କରିବା ନିମନ୍ତେ ସଂଘ ପକ୍ଷରୁ ଦାବି କରାଯାଇଛି। କେନ୍ଦ୍ରମନ୍ତ୍ରୀ ତାଳଚେରବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ସଙ୍ଗେ ସଙ୍ଗେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ସମସ୍ୟାର ସମାଧାନ କରିବା ପାଇଁ ଆଲୋଚନା କରିଥିଲେ। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ହାଣ୍ଡିଧୁଆ ଓ ଶର୍ମାଛକ ବଣିକ ସଂଘ ପ୍ରତିନିଧିଙ୍କ ସମେତ ଅଶୋକ ଅଗ୍ରୱାଲା, ବାଲ୍ମିକୀ ପ୍ରସାଦ କେଶରୀ, ପର୍ଶୁରାମ ବାରିକ, ପ୍ରକାଶ ମହାରଣା, କାଳନ୍ଦୀ ପ୍ରଧାନ, ଜ୍ଞାନେନ୍ଦ୍ରୀୟ ସେଠୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ୧୮ରୁ ସତ୍ୟସାଇ ସଙ୍ଗଠନର ରାଜ୍ୟ ସମ୍ମିଳନୀ

**ଅନୁଗୋଳ ଅଫିସ, ୬।୧**

ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ସତ୍ୟସାଇ ସଙ୍ଗଠନର ୪୩ ତମ ରାଜ୍ୟ ସମ୍ମିଳନୀ ଅନୁଗୋଳର ବିଜୁ ମଇଦାନରେ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଜିଲାର ୨୦୮ଟି ସତ୍ୟସାଇ ସେବା ସମିତିର କାର୍ଯ୍ୟକର୍ତ୍ତାମାନେ ଯୋଗଦେବେ। ସମ୍ମିଳନୀରେ ପୁଟ୍ଟପର୍ତ୍ତି ନିବାସୀ ପ୍ରଫେସର ଅନିଲ କୁମାର ଓ ସର୍ବଭାରତୀୟ ସତ୍ୟସାଇ ସଙ୍ଗଠନର ଉପସଭାପତି ନିମେଶ ପାଣ୍ଡିଆ ସତ୍ୟସାଇଙ୍କ ବାର୍ତ୍ତା ପ୍ରଦାନ କରିବେ। ଏ ନେଇ ରବିବାର ଅନୁଗୋଳ ହାକିମପଡ଼ା ସ୍ଥିତ ସତ୍ୟସାଇ ମନ୍ଦିରରେ ଜିଲାରେ ଥିବା ୮ଟି ସତ୍ୟସାଇ ସେବା ସମିତି ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଛି।

## ୮୨୩ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ପ୍ରଦାନ

**କଣିହାଁ, ୬।୧(ଡି.ଏନ.ଏ.)**

ଦୀର୍ଘ ୪୫ ବର୍ଷର ଅନୁଷ୍ଠାନ ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ପକ୍ଷରୁ ସବୁ ବର୍ଷ ପରି ଜାନୁୟାରୀ ପ୍ରଥମ ରବିବାରରେ ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଟିପିସି ସହଯୋଗରେ କଣିହାଁ ସ୍ୱାଧୀନତା ସଂଗ୍ରାମୀ ଟ୍ରଷ୍ଟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣିହାଁ ପ୍ରକଳ୍ପ ମୁଖ୍ୟ ମହାପ୍ରବନ୍ଧକ ସନ୍ତୋଷ ଜେମ୍‌ସ, ସମ୍ମାନିତ ଅତିଥି ସିଏଚ୍‌ସି ଚିକିତ୍ସା ଅଧିକାରୀ ସୁମନ୍ତ କୁମାର ପଟେଲ, ପ୍ରକଳ୍ପ ପଦାଧିକାରୀ କେ. ଏସ୍. ଶର୍ମା, ପି. କେ. ସାହୁ, ଜାକିର ଖାନ, ଏ. କେ. ଦାସ, ଭି. ଏ. ରାଓ ଯୋଗ ଦେଇଥିଲେ। ସେବା ଶ୍ରେଷ୍ଠ ଧର୍ମ। ଏହାକୁ ଅଧିକ ବ୍ୟାପକ କରିବା ସହ ଦିବ୍ୟାଙ୍ଗମାନଙ୍କୁ ସାମାଜିକ ସୁସ୍ଥ ପରମ୍ପରା ସହ ଆତ୍ମନିର୍ଭରଶୀଳ କରାଇବାକୁ ପ୍ରୟାସ ଜାରି ରହିବ ବୋଲି ଅତିଥିମାନେ



ଅତିଥିମାନେ ଶୀତବସ୍ତ୍ର ପ୍ରଦାନ କରୁଛନ୍ତି।

ପ୍ରକାଶ କରିଥିଲେ। ଅନୁଷ୍ଠାନ ସଭାପତି ସୁଧାକର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ କାଳନ୍ଦୀ ପ୍ରଧାନ ବିବରଣୀ ପାଠ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ୮୨୩ ଜଣ ଦୃଷ୍ଟିହୀନ ତଥା ଦିବ୍ୟାଙ୍ଗ ମହିଳା ପୁରୁଷଙ୍କୁ ଶାଲ୍ ସହ ଶାଢି, ଧୋତି, ଗାମୁଛା ଆଦି ପ୍ରଦାନ କରାଯାଇଥିଲା। ବହୁ ବଦାନ୍ୟ ବ୍ୟକ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ଭୋଜନ ବ୍ୟବସ୍ଥାରେ ସହଯୋଗ କରିଥିଲେ। ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ବୁଦ୍ଧଦେବ ସାହୁ ଧନ୍ୟବାଦ ଦେଇଥିଲେ।

# ଯୋଗ ବିଜ୍ଞାନ ଅନ୍ତର୍ଜାତୀୟ ମର୍ଯ୍ୟାଦା ପାଇପାରିଛି



ଆୟୋଜିତ ରକ୍ତଦାନ ଶିବିର।

**ଅନୁଗୋଳ ଅଫିସ, ୬।୧**

ପତଞ୍ଜଳି ଯୋଗ ସମିତି (ହରିଦ୍ୱାର)ର ୨୪ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଜିଲା ପତଞ୍ଜଳି ଯୋଗ ସମିତି ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଅଭୟ ରାୟ ଯୋଗ ଦେଇ କହିଲେ ଯେ, ସ୍ୱାମୀ ରାମଦେବଙ୍କ ନିରନ୍ତର ନିଷ୍ଠା ଯୋଗୁ ଯୋଗ ବିଜ୍ଞାନ ଆନ୍ତର୍ଜାତିକ ମର୍ଯ୍ୟାଦା ପାଇପାରିଛି। ବିନା ଔଷଧରେ ଯୋଗ ମାଧ୍ୟମରେ ନୀରୋଗ ଜୀବନଯାପନର ଦିନଚର୍ଯ୍ୟା ଘରେ ଘରେ ପହଞ୍ଚାଇବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଯୋଗ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତ ଭଣ୍ଡାର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଅନିଲ କୁମାର ସାମଲ ଓ ସମ୍ମାନିତ ଅତିଥି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। ରକ୍ତଦାତା ସୁବୋଧ ମିଶ୍ର ରେକର୍ଡ ୧୨୨ ଥର ପାଇଁ ରକ୍ତଦାନ କରିଥିଲେ। ଶିବିରରେ ପତଞ୍ଜଳିର ଜିଲା ପ୍ରଭାରୀ ସୁଷମା ବେହେରା ଓ ଯୁବ ଭାରତ ସଙ୍ଗଠନର ଜିଲା ପ୍ରଭାରୀ ସଞ୍ଜୀବ ନାୟକ, ଅମିୟ କର, ବୀରବର ସାହୁ, ଶୁଭ୍ରାଂଶୁ ପ୍ରଧାନ, ଅଭୟ ସାହୁ, ହଳଧର ବିଶ୍ୱାଳ, ପଲ୍ଲବୀ ସାହୁ, ଜ୍ୟୋସ୍ନାରାଣୀ ସାହୁ, ଯାଜ୍ଞେଶ୍ୱର ମହାପାତ୍ର, କଳ୍ପନା ମାଝି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

- ସପ୍ତମ ଜିଲା ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

# ବିଭିନ୍ନ ସ୍ଥାନରେ ବିପୁଳ ସମ୍ବର୍ଦ୍ଧନା

**ଅନୁଗୋଳ ଅଫିସ/ ତାଳଚେର/ଆଠମଲ୍ଲିକ/ବଇଣ୍ଡା/ ଛେଣ୍ଡିପଦା/ପାଲଲହଡ଼ା, ୬।୧**

ଜିଲା ସଂସ୍କୃତି ପରିଷଦର ସପ୍ତମ ଜିଲା ମହୋତ୍ସବ ଆସନ୍ତା ୧୪, ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ରବିବାରଠାରୁ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କୁହାଯାଉଥିବା ଅନୁଗୋଳର ଟିକରପଡ଼ା, ଆଠମଲ୍ଲିକର ଦେଉଳଝରି ଓ ପାଲଲହଡ଼ାର ଖୁଲୁଡ଼ି ଶିବ ମନ୍ଦିରରୁ ଏକ ସମୟରେ ମଶାଲ ବାହାରିଥିଲା। ପୂର୍ବ ନିର୍ଦ୍ଧାରିତ ମାର୍ଗ ଦେଇ ଏହା ତାଳଚେର ହିଙ୍ଗୁଳା ପୀଠରେ ଅପରାହ୍ନରେ ପହଞ୍ଚିଲା। ସେଠାରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାଏକ ପୂଜାର୍ଚ୍ଚନା କରିବା ପରେ ୩ଟି ମଶାଲ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲା। ସନ୍ଧ୍ୟା ସାଢ଼େ ୬ଟାରେ ଏହା ପହଞ୍ଚିବା ପରେ ଅନୁଗୋଳ ଜିଲାପାଳ ସ୍ୱାଗତ କରିଥିଲେ। ଏହି ଶୋଭାଯାତ୍ରା ଦାୟିତ୍ୱ ଉପଜିଲାପାଳ ବାସୁଦେବ ଶତପଥୀ ନେଇଥିବାବେଳେ ଆଠମଲ୍ଲିକରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଓ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ପାଲଲହଡ଼ା ମଶାଲ ଦାୟିତ୍ୱ ନେଇଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସାମାଜିକ କର୍ମୀ, ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡ଼ି କର୍ମୀ ଓ ଅଞ୍ଚଳର ଲୋକମାନେ ସାମିଲ ହୋଇଥିଲେ। ବିଭିନ୍ନ



ଶୈଳଶ୍ରୀକ୍ଷେତ୍ରଠାରେ ପହଞ୍ଚିଥିବା ୩ ମଶାଲ।

ସ୍ଥାନରେ ଚିତା ପକାଯାଇ ମଶାଲକୁ ସ୍ୱାଗତ କରାଯାଇଥିବା ଦେଖିବାକୁ ମିଳିଥିଲା।

ଟିକରପଡା ଭୋଳେଶ୍ୱର ଶିବମନ୍ଦିରରୁ ଆସିଥିବା ମଶାଲକୁ ତାଳଚେର ହାଟତୋଟା ମଙ୍ଗଳା ମନ୍ଦିର ଠାରେ ସ୍ୱାଗତ କରାଯାଇଥିଲା। ସେଠାରେ ପୂଜାର୍ଚ୍ଚନା ମଧ୍ୟ କରାଯାଇଥିଲା। ନିର୍ବାହୀ ଅଧିକାରୀ ଅତସି ପରିଡା, ଗୁଣନିଧି ସ୍ୱାଇଁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର ସାହୁ, ଅନୁଗୋଳ ଉପଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ପାଲଲହଡ଼ା ଖୁଲୁଡି ସ୍ଥିତ ଗିରୀଶ୍ୱର ଶୈବପୀଠରୁ ସକାଳ ସାଢେ ୬ଟାରେ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ବାହାରିଥିଲା। ଏହା ଖୁଲୁଡି, ଝାରବେଡା, ନମପଶି, କନ୍ତଲା ଦେଇ ପାଲଲହଡା ଶିବମନ୍ଦିର ଛକରେ ପହଞ୍ଚିଥିଲା। ସେଠାରେ ଏହାକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ମଶାଲକୁ ସହର ପରିକ୍ରମା କରାଇଥିଲେ। ପାଲଲହଡା ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲ, ବିଡିଓ ତ୍ରିବିକ୍ରମ କୁମୁରା, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝୀଙ୍କ ସମେତ ଉପଖଣ୍ଡ ଏବଂ ଜିଲାସ୍ତରୀୟ ବହୁ ଅଧିକାରୀ ଉପସ୍ଥିତ ଥିଲେ । ସେହିପରି ଆଠମଲ୍ଲିକ ସ୍ଥିତ ଦେଉଳଝରୀରେ ପୂଜାର୍ଚ୍ଚନା ପରେ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ପ୍ରଥମେ ମଶାଲ ବହନ କରିଥିଲେ। ପରେ ଏନ୍‌ସିସି କ୍ୟାଡେଟ୍‌ମାନେ ମଶାଲକୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ନେଇଥିଲେ। ଏହାକୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। ପରେ ମାହେଶ୍ୱରୀ ମନ୍ଦିର, ଗାନ୍ଧୀପାର୍କକୁ ନିଆଯାଇଥିଲା। ଶୋଭାଯାତ୍ରାରେ ଘଣ୍ଟଦଳ, ନଦିଆଁ, ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଜଳ ବିଭାଜିକା ମିଶନ, କୃଷି ରଥ, ଜଳ ପରିମଳ ମିଶନ, ଜଙ୍ଗଲ ପରିବେଶ, ମୃତ୍ତିକା ସଂରକ୍ଷଣ, ବିଜୁ କନ୍ୟାରତ୍ନ ଯୋଜନା ଆଦି ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ଶୋଭା ପାଇଥିଲା। ଆଠମଲ୍ଲିକ ଏସ୍‌ଡିପିଓ ଆଲବିନସ୍ କେରକେଟା, ଡିଏଫଓ ସମ୍ୟକ ସାମନ୍ତରା, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ସୁନୀଲ କୁମାର ପଣ୍ଡା, ତହସିଲଦାର ବାସୁଦେବ ମହାପାତ୍ର, ବିଡିଓ ରାହାସ ଚନ୍ଦ୍ର ନାୟକ, ଏଡିଏମଓ ଡାକ୍ତର ଲକ୍ଷ୍ମୀନାରାୟଣ ବିଶୋଇ, ବାସୁଦେବ ପ୍ରଧାନ, ବୀରେନ୍ଦ୍ର ବଡମାଳୀ, ଏନସିସି ଅଫିସର ଡି. କେ. ସିଂସାମନ୍ତ, ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରା କିଶୋରନଗରରେ ପହଞ୍ଚିବା ପରେ ବିଡିଓ ଅମୃତା ପ୍ରିୟମ୍ବଦା, ତହସିଲଦାର ଲୋପାମୁଦ୍ରା ରଥ ସ୍ୱାଗତ କରିଥିଲେ। ପରେ ବଇଣ୍ଡା ଛକଠାରେ ସରପଞ୍ଚ ଜଳଧର ସାହୁ, ନିତ୍ୟବିନି ସାମନ୍ତ, ଅଙ୍ଗନୱାଡି କର୍ମୀ ରୁକ୍ମିଣୀ ପ୍ରଦାନ, ସସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧନା ଦେଇଥିଲେ। ମଶାଲ ଛେଣ୍ଡିପଦାରେ ପହଞ୍ଚିବା ପରେ ଜେରେଙ୍ଗ ଦେହୁରୀସାହି ପଞ୍ଚାୟତର କତଡା, ଜରପଡା ପଞ୍ଚାୟତର ଜରପଡା, ବାଲିପଟା ସମେତ ବ୍ଲକ ସଦର ମହକୁମାଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବିଡିଓ ରୋମାଞ୍ଚଳ ଖମାରୀ, ଏବିଡିଓ ଦିଲୀପ କୁମାର ପ୍ରଧାନ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଫିରୋଜ କୁମାର ବେହେରା ପ୍ରମୁଖ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ୭ ଜାନୁୟାରୀ,୨୦୧୯



## ■୪ମାସ ମଧ୍ୟରେ ବଦଳିବ ଅନୁଗୋଳ ଟ୍ରାଫିକ ରୂପରେଖ

# ଅପରାଧୀଙ୍କୁ ଧରିବ ସିସିଟିଭି

ଅନୁଗୋଳ ଅଫିସ, ୬।୧

■ହେଲମେଟ ପିନ୍ଧି ନ ଥିଲେ ଘରକୁ ଯିବ ରସିଦ୍

■ମଦ୍ୟପଙ୍କୁ ଧରି ଆଦାୟ କରାଯିବ ଜରିମାନା

■୬୦ ଛାତ୍ରୀଛାତ୍ର ଜଗିବେ ଟ୍ରାଫିକ ପୋଷ୍ଟ



ବଦଳିବ ଅନୁଗୋଳ ଟ୍ରାଫିକ ରୂପରେଖ। ନବକଳେବର ହେବ ପୂରା ବ୍ୟବସ୍ଥାର। ଏଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। ଅନୁଗୋଳ ସମେତ ବଆଁରପାଳ, ନାଲ୍‌କୋ ଓ ତାଳଚେରର ୧୩ଟି ସ୍ଥାନରେ ସିସିଟିଭି ଲାଗିବାର ବ୍ୟବସ୍ଥା ହୋଇଛି। ଆସନ୍ତା ୮ ତାରିଖରେ ଆରମ୍ଭ ହେବାକୁ ଯାଉଥିବା ଷ୍ଟୁଡେଣ୍ଟ ଟ୍ରାଫିକ ପାଇଁ ୬୦ ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯାଇଛି। ଅନ୍ୟ ବ୍ୟବସ୍ଥା ଗୁଡ଼ିକ ଆଗାମୀ ୩ରୁ ୪ ମାସ ମଧ୍ୟରେ କରାଯିବ ବୋଲି ଏସ୍‌ପି କହିଛନ୍ତି।

ଅନୁଗୋଳ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ପ୍ରାଥମିକତା ଦିଆଯାଉଛି। ଗତବର୍ଷ ଆରମ୍ଭ ହୋଇଥିବା ହାଇୱେ ପାଟ୍ରୋଲିଂରେ ଉନ୍ନତି ପାଇଁ ମଧ ଯୋଜନା ହେଉଛି। ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ)ରୁ ୧ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟରେ ୧୩ଟି ସ୍ଥାନରେ ସିସିଟିଭି ଲଗାଯିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା କାର୍ଯ୍ୟକାରୀ ହେବା ପରେ ବିଭିନ୍ନ ଅପରାଧୀଙ୍କ ଡାଟା ବେସ୍ ପ୍ରସ୍ତୁତ କରାଯାଇ ଫିଡ୍ କରାଯିବ। ଫଳରେ ସହରକୁ ଆସୁଥିବା ଅପରାଧୀଙ୍କୁ ଚିହ୍ନଟ କରିବା ସହ ତୁରନ୍ତ କଣ୍ଟ୍ରୋଲ ରୁମ୍‌କୁ ସୂଚିତ କରିହେବ। ସମସ୍ତ ଅପରାଧୀଙ୍କୁ ଚିହ୍ନଟ ସମ୍ଭବ ନ ହେଲେ ମଧ ୭୦ ଭାଗଙ୍କୁ ଏହି ପ୍ରକ୍ରିୟାରେ ଚିହ୍ନଟ କରାଯାଇ ପାରିବ। ସେହିପରି ସହରରେ ହେଲମେଟ ନ ପିନ୍ଧି ବାଇକ୍ ଚଳାଉଥିବା ଲୋକଙ୍କ ଘରକୁ ଜରିମାନା ଭରିବାକୁ ରସିଦ ପଠାଯିବ। ଟ୍ରାଫିକ ପୋଷ୍ଟରେ ଲାଗିଥିବା କ୍ୟାମେରାରେ ଗାଡ଼ି ନମ୍ବରର ଚିତ୍ର ଉତ୍ତୋଳନ ପରେ ପଞ୍ଜୀକୃତ ଠିକଣାରେ ଉକ୍ତ ରସିଦ ପଠାଯିବ। ଏହାକୁ ପୈଠ ନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଆର୍‌ଟିଓଙ୍କ ସହ ପ୍ରାଥମିକ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ସେହିପରି ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କୁ ଧରି ଜରିମାନା ଆଦାୟ କରାଯିବା ଯୋଜନା ହେଉଛି। ଅନ୍ୟପକ୍ଷରେ ଷ୍ଟୁଡେଣ୍ଟ ଟ୍ରାଫିକ ବ୍ୟବସ୍ଥା ଦ୍ୱାରା ଅନେକ ସମସ୍ୟା ଦୂର ହୋଇପାରିବ। ପ୍ରଥମେ ଅନୁଗୋଳ ସମେତ ନାଲ୍‌କୋ, ବଆଁରପାଳ ଓ ତାଳଚେରରେ ଏହା ଆରମ୍ଭ ହେବ। ଏଥିପାଇଁ ୬୦ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ସହ ଉପକରଣ ପ୍ରଦାନ କରାଯାଇଛି। ପ୍ରତ୍ୟେକ ଦିନ ଛାତ୍ରୀଛାତ୍ରମାନେ ୩ ଘଣ୍ଟା ସମୟ ଦେବାକୁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ମଧ ସେମାନଙ୍କୁ ଦିନକୁ ଶହେ ଟଙ୍କା ହିସାବରେ ସରକାର ଅର୍ଥ ପ୍ରଦାନ କରିବେ। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟ ସହ ଅନୁଗୋଳ ମହିଳା ମହାବିଦ୍ୟାଳୟ, ବଆଁରପାଳ, ବନ୍ତଳା କଲେଜ, ତାଳଚେର ଓ ବଲଣ୍ଡା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଏଥିରେ ସାମିଲ କରାଯାଇଛି। ଏହି ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଜିଲାରେ ଥିବା ଦକ୍ଷ ଅଫିସରଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଏନ୍‌ଆର୍‌ସିଏ କୁଲାଡ଼ ବିଜୟୀ

ଅନୁଗୋଳ ଅଫିସ, ୬।୧- ଅନୁଗୋଳ ସ୍ଥିତ ହାଟଛକଠାରେ ରବିବାର ରାଜ୍ୟସ୍ତରୀୟ ବିଶ୍ୱାଳ ସାହି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ପଞ୍ଚଗଡ଼ ବଆଁରପାଳ ଓ ଏନ୍‌ଆର୍‌ସିଏ କୁଲାଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୁଲାଡ଼ ପ୍ରଥମେ ବ୍ୟାଟିଂ କରି ୨୩୩ ରନ କରିଥିଲା। ଜବାବରେ ବଆଁରପାଳ ୧୮୦ ରନ କରି ପରାଜିତ ହୋଇଥିଲା। ଅଭିଷେକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଗାୟତ୍ରୀ କନ୍‌ଷ୍ଟ୍ରକଶନର ଡିଜେଏମ୍ ପଦ୍ମନାଭ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶ ମହାକୁଡ଼ ଓ ଅମିତ ବାହାଦୁର ଖେଳ ପରିଚାଳନା କରିଥିଲେ। ବିଶ୍ୱରଞ୍ଜନ ମହାକୁଡ଼ ଓ ବଲିଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିଶ୍ୱରଞ୍ଜନ ବିଶ୍ୱାଳ, ଯଶବନ୍ତ ପଟ୍ଟନାୟକ, କୁମର ଖଟୁଆ, ବିନୋଦ ଖଟୁଆ, ଲକ୍ଷ୍ମୀଧର ନାଏକ, ସଞ୍ଜୀବ କୁମାର ସାହୁ, ଦିଲୀପ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

### ଭଣଜା ଆକ୍ରମଣରେ ମାମୁ ଗୁରୁତର

ଛେଣ୍ଡିପଦା, ୬।୧(ସ୍ୱ.ପ୍ର)- ପାରିବାରିକ କଳହ ଯୋଗୁ ଛେଣ୍ଡିପଦା ଥାନା କୋଶଳା ଗ୍ରାମରେ ଭଣଜା ପଙ୍କଜ ବେହେରାଙ୍କ ଟାଙ୍ଗିଆ ଆକ୍ରମଣରେ ମାମୁ ଗଗନ ବେହେରା ଗୁରୁତର ହୋଇଛନ୍ତି। ଗଗନଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୫/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଖମାର ଗ୍ରାମର ପଙ୍କଜ କୋଶଳାରେ ଥିବା ଗଗନଙ୍କ ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପଙ୍କଜ ଏକ ଟାଙ୍ଗିଆରେ ଗଗନଙ୍କୁ ଆକ୍ରମଣ କରିଥିଲେ।

### ଚାନ୍ଦା ଆଦାୟ ଅଭିଯୋଗରେ ୩ ଗିରଫ

ଅନୁଗୋଳ ଅଫିସ, ୬।୧- ଅନୁଗୋଳ ଥାନା ସମ୍ମୁଖ ଶୀତଲ ପ୍ଲାଜା ନିକଟରେ ଚାନ୍ଦା ଆଦାୟ ଅଭିଯୋଗରେ ଅନୁଗୋଳ ପୋଲିସ ରବିବାର ରାତିରେ ୩ ଜଣଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ଛୁରି ଦେଖାଇ ୫ ହଜାର ଟଙ୍କା ମାଗୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ନଂ. ୧୭/୧୯ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଥାନା ଅଧିକାରୀ କହିଛନ୍ତି, କଲିକତାରୁ ଏକ ଟ୍ରେଲର (ନଂ. ଏନ୍‌ଏଲ୍-୦୧-ଏଏ-୪୪୩୨) ରାୟପୁର ଯାଉଥିଲା। ଗାଡ଼ିରେ ବିଭିନ୍ନ କୋରିୟର ସାମଗ୍ରୀ ଥିଲା। ତେବେ ଶୀତଲପ୍ଲାଜା ନିକଟରେ ରାଧାରମଣପଡ଼ା ଅଞ୍ଚଳର ଜିତୁ ସାହୁ, ଦେବାନନ୍ଦ ସାହୁ, ସୁଶାନ୍ତ ସାହୁ ଗାଡ଼ି ଅଟକାଇ ଚାନ୍ଦା ମାଗିଥିଲେ ବୋଲି ଚାଳକ ମହମ୍ମଦ ଇସାନ ଥାନାରେ ଅଭିଯୋଗ କରିଥିଲେ।

## ■ଟଙ୍କା ଉଠାଣରେ ସାହାଯ୍ୟ ଆଳରେ ଠକେଇ

# ଅଭିଯୁକ୍ତ ଗିରଫ, ଅଟୋ ଜବତ

**ଭିନ୍ନକ୍ଷମ, ଅଶିକ୍ଷିତଙ୍କୁ କରୁଥିଲେ ଟାର୍ଗେଟ**

ପାଲଲହଡ଼ା, ୬।୧(ଡି.ଏନ.ଏ.)




ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବାରେ ସାହଯ୍ୟ କରିବା ଆଳରେ ଏକାଧିକ ଲୋକଙ୍କ ଆକାଉଣ୍ଟରୁ ଲୁଟ୍ କରିବା ଅଭିଯୋଗରେ ଅନୁଗୋଳ ଜିଲା ପାଲଲହଡ଼ା ପୋଲିସ ରବିବାର ସମଲ ଥାନା କୁଲେଇ ଗ୍ରାମର ହର୍ଷ ବେହେରାଙ୍କୁ ଗିରଫ କରିଛି। ଘଟଣାରେ ନଂ. ୧/୧୯ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପାଲଲହଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ରିତେଶ କୁମାର ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ହର୍ଷ ଗତ ୩ ତାରିଖରେ ପାଲଲହଡ଼ା ସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମରୁ ଟଙ୍କା ଉଠାଇବାକୁ ଯାଇଥିବା ଉଦିତନଗର ଅଞ୍ଚଳର ସାମୁଏଲ ବାଘଙ୍କୁ ସାହାଯ୍ୟ କରିବାକୁ କହିଥିଲେ। ତାଙ୍କଠାରୁ ଏଟିଏମ୍ ନେଇ ଅଭିଯୁକ୍ତ ପ୍ରଥମେ ୮ ହଜାର ଓ ପରେ ୧୦ ହଜାର ଟଙ୍କା ଉଠାଇ ଏକ ଅଟୋରେ ସେଠାରୁ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ତଦନ୍ତ କରିଥିଲା। ସିସିଟିଭି ଫୁଟେଜକୁ ଆଧାର କରି ପାଲଲହଡ଼ା ଏବଂ ସମଲ ପୋଲିସ ମିଳିତ ଭାବେ ଚଢ଼ାଉ କରି ହର୍ଷଙ୍କୁ ତାଙ୍କ ଘରୁ ଗିରଫ କରିଥିଲେ। ଏଥିସହ ଲୁଟରେ ବ୍ୟବହୃତ ଅଟୋକୁ ଜବତ କରାଯାଇଛି। ୨୦୧୬ ରେ ଏହିପରି ଭାବେ ଫପଣ୍ଡ ଗ୍ରାମର ଜଣେ ମହିଳାଙ୍କ ଠାରୁ ହର୍ଷ ୭ ହଜାର ଟଙ୍କା, ୨୦୧୫ରେ ଖମାର ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ଠାରୁ ୩୦ ହଜାର ସହ ଜିଲାର ବିଭିନ୍ନ ଏଟିଏମ୍ ଠକେଇରେ ମାମଲାରେ ସାମିଲ ଥିବା ପୋଲିସ କହିଛି। ଅଭିଯୁକ୍ତ ବିଶେଷ କରି ଏଟିଏମ୍‌କୁ ଆସୁଥିବା ଭିନ୍ନକ୍ଷମ ତଥା ଅଶିକ୍ଷିତ ଲୋକଙ୍କୁ ସାହାଯ୍ୟ କରିବାକୁ କହି ଠକେଇ କରିଥାନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି।

# ଘୋଷ ସଞ୍ଚଳନ କାର୍ଯ୍ୟକ୍ରମ



ଘୋଷ ବାଦକମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ତାଳଚେର,୬।୧(ନି.ପ୍ର.)

ଦେଉଳବେଡା କୋଲିୟରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ରବିବାର ତାଳଚେର ନଗରରେ ବିଭାଗ ଘୋଷ ସଞ୍ଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଞ୍ଚଳନରେ ଅନୁଗୋଳ ବିଭାଗର ୨୦ଟି ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୩୦୦ ଜଣ ଶିଶୁ ଘୋଷ ବାଦକ (ବ୍ୟାଣ୍ଡ ପାର୍ଟି) ସାମିଲ ହୋଇଥିଲେ। ଘୋଷ ବାଦକମାନେ ଦେଉଳବେଡା କୋଲିୟରୀ ଠାରୁ ବାହାରି ଦେଉଳବେଡା ଷ୍ଟାଡିୟମ୍ ପାଖ ଦୁର୍ଗା ମଣ୍ଡପ ଠାରେ ଏକତ୍ରିତ ହୋଇଥିଲେ। ସେଠାରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପରେ କୃତୀ ପ୍ରତିଯୋଗୀ ଦଳକୁ ପୁରସ୍କୃତ କରାଯାଇଥିଲା। ପୂର୍ବଦିନ ପରିଚୟାତ୍ମକ ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ତାଳଚେର ଶାଖା ପରିଚାଳକ ପଦାରବିନ୍ଦ ତ୍ରିପାଠୀ, ବିଭାଗ ପ୍ରମୁଖ ପରେଶ ଚନ୍ଦ୍ର ପଟ୍ଟନାୟକ, ବିଭାଗୀୟ ନିରୀକ୍ଷକ ବିଜନ କୁମାର ଜେନା ଓ ଘୋଷ ସଞ୍ଚଳନ ପ୍ରମୁଖ ଅନିଲ କୁମାର ଦେହୁରୀ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ବାବୁଲି ସାମଲ ଅତିଥି ପରିଚୟ ଓ ପର୍ଯ୍ୟାୟ ପ୍ରମୁଖ ରଞ୍ଜନ କୁମାର ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ସଭାପତି ନୀରୋଦ କୁମାର ପ୍ରଧାନ ଓ ସମ୍ପାଦକ ତାରା ସିଂ ମାଲହୋତ୍ରା, ପରିଚାଳନା ସମିତି ଏବଂ ଗୁରୁଜୀ, ଗୁରୁମାମାନେ ସହଯୋଗ କରିଥିଲେ।

# ଆବେଦନ ଫର୍ମ ନ ପାଇବାରୁ ଉତ୍ତେଜନା

ବନ୍ତ, ୬।୧ (ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ 'କାଳିଆ' ଯୋଜନାରେ ଚାଷୀମାନେ ସାମିଲ ହେବା ପାଇଁ ଆବେଦନ କରିବାକୁ ବନ୍ତ ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହେଉଛି। ଏପରିକି ଆବଶ୍ୟକ ସଂଖ୍ୟକ ଫର୍ମ ନ ଥିବାରୁ ନ ପାଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଉଛି। ଚାଷୀଙ୍କୁ ବୁଝାଇବାକୁ ଯାଇ ନୋଡାଲ ଅଫିସରମାନଙ୍କୁ ନାକେଦମ ହେବାକୁ ପଡୁଛି। ଗତ ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହୋଇଥିବାବେଳେ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଆଗରପଡା ସହ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କ ସୂଚନା ଅନୁଯାୟୀ, ପ୍ରଥମ ଦିନରେ ୫୦, ୨ୟ ଦିନରେ ୭୫, ୩ୟ ଦିନରେ ୨୦୦, ୪ର୍ଥ ଦିନରେ ୩୦୦ ଆବେଦନ ଫର୍ମ ପ୍ରତି ପଞ୍ଚାୟତକୁ ଯୋଗାଇ ଦିଆଯାଇଛି। ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ୫୦୦ରୁ ଅଧିକ ଚାଷୀଙ୍କ ଭିଡ଼ ଲାଗୁଥିବାରୁ ଫର୍ମ ପର୍ଯ୍ୟାପ୍ତ ହେଉ ନାହିଁ। ଫଳରେ ଉତ୍ତେଜନା ସ୍ଥିତି ସୃଷ୍ଟି ହେଉଛି। ଏହି ବ୍ଲକ ଆଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ସକାଳ ୯ଟାରୁ ଚାଷୀଙ୍କ ଭିଡ଼ ଲାଗିଥିଲା। ପର୍ଯ୍ୟାପ୍ତ ଫର୍ମ ନ ଥିବାରୁ ବହୁ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ସରକାର ଯୋଜନା କରୁଛନ୍ତି କିନ୍ତୁ ଆବଶ୍ୟକ ଫର୍ମ ଯୋଗାଇ ପାରୁ ନ ଥିବାରୁ ଏପରି ସ୍ଥିତି ସୃଷ୍ଟି ହେଉଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି।

# ବାସନ୍ତୀ ଦୁର୍ଗା ଦିବାରାତ୍ର ଭଲିବଲ୍ ଉଦ୍‌ଯାପିତ



ପୁରସ୍କାର ସହ ଅତିଥିଙ୍କ ଗହଣରେ ଖେଳାଳିମାନେ।

ଅନୁଗୋଳ ଅଫିସ, ୬।୧

ଅନୁଗୋଳ ଅମଲାପଡାସ୍ଥିତ ମା' ବାସନ୍ତୀ ଦୁର୍ଗା ଭଲିବଲ ହୋମ୍ ଦ୍ୱାରା ଆୟୋଜିତ ଏକ ଦିବାସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଏସ୍‌ପି ମିତ୍ରଭାନୁ ମହାପାତ୍ର ମୁଖ୍ୟ ଅତିଥି ଓ ତାମଡା ଅଧକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ମା' ବାସନ୍ତୀ ଦୁର୍ଗା ଭଲିବଲ ହୋମ୍, ଗୋବରା, ବରପଦା, ମାଛକୁଟା, ଟାକୁଆ, ପୁରୀ ଜିଲା କଣାସ ଟିମ୍ ଭାଗ ନେଇଥିଲେ। ଲିଗ୍ ମ୍ୟାଚ ପରେ ଗୋବରା ଓ କଣାସ ଟିମ୍ ଫାଇନାଲ ଖେଳିଥିଲେ। ତେବେ କଣାସ ଦଳ ୨-୧ ସେଟ୍‌ରେ ମ୍ୟାଚରେ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା କ୍ରୀଡା ଅଧିକାରୀ ମହେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଓ ତାମଡା ଅଧକ୍ଷ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। ଅଶୋକ ପ୍ରଧାନ, ରଜନୀକାନ୍ତ ମିଶ୍ର, ଉଦିତ ଗଡନାୟକ, ମନୋଜ ସାହୁ, ସମ୍ବିତ ସାମଲ, ଚିନ୍ମୟ ଦାସ ଖେଳ ପରିଚାଳନା କରିଥିଲେ। ନୌସାଦ ଅଲି, ଅଶୋକ ରାଉତ, ପ୍ରତାପ ମାଝି, ଗୁଡୁ, ମୁନା ସିହ୍ନା, ପ୍ରଦୀପ ଦେବତା, କୁଲୁ ମହାନ୍ତି, ସମରେଶ ନାଥ, ବିଭୁ ସାମଲ, ବୁଲୁ ମହାନ୍ତି, ସନ୍ତୋଷ ବେହେରା, ଗୋବିନ୍ଦ ଅଧିକାରୀ, ବାପି ସାହୁ, ଟୁଟୁ ପ୍ରଧାନ, ସୁଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପୋଲିସ ଜନତା ମଧ୍ୟରେ ସୁସମ୍ପର୍କ ରହୁ

ବଇଣ୍ଡା,୬।୧(ଡି.ଏନ.ଏ.)

ଲୋକଙ୍କୁ ସୁରକ୍ଷା ଯୋଗାଇବା ପୋଲିସର କର୍ତ୍ତବ୍ୟ। ଜନ ସାଧାରଣଙ୍କ ବିନା ସହଯୋଗରେ ପୋଲିସ ଅପରାଧ ରୋକିପାରିବ ନାହିଁ। ତେଣୁ ଜନ ସାଧାରଣ ଓ ପୋଲିସ ସମ୍ପର୍କ ନିବିଡ଼ ହେଉ ବୋଲି ରବିବାର ଆଠମଲ୍ଲିକ ମଇମୁରା ପଞ୍ଚାୟତ କୋରାବ ଗ୍ରାମରେ ଠାକୁରଗଡ଼ ଥାନା ପକ୍ଷରୁ ଅନୁଷ୍ଠିତ ପୋଲିସ ଜନ ସମ୍ପର୍କ ଶିବିରରେ ଅତିଥିମାନେ ଏହା କହିଛନ୍ତି। ଗ୍ରାମ ସଭାପତି ଚୈତନ୍ୟ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପୋଲିସ ବିଭାଗର ଡେପୁଟି କମାଣ୍ଡର ସୋମନାଥ ସେଠୀ, ଅନ୍ୟତମ ଅତିଥି ଭାବେ ମଇମୁରା ସରପଞ୍ଚ ସତ୍ୟାନନ୍ଦ ରାଉତ, ଠାକୁରଗଡ଼ କଂଗ୍ରେସ ସଭାପତି ଅନାମ ସ୍ୱାଇଁ, ଆଇଆଇସି ଗବାକ୍ଷ ନାୟକ, ଏଏସ୍‌ଆଇ କରୁଣାକର ନନ୍ଦ, ବିପ୍ରଡ଼ିହ ଗ୍ରାମ ସଭାପତି ରୋହିତ ପ୍ରଧାନ, କଂସାବ ଗ୍ରାମ ସଭାପତି ଗୌତମ ବେହେରା, ଦୁଃଖବନ୍ଧୁ ବେହେରା, ଚଗଲା ସିଂ, ନେଙ୍କୁଡ଼ି ବେହେରା, ପୋଲିସ କର୍ମଚାରୀ ପ୍ରଶାନ୍ତ ସାହୁ, ଦିଲୀପ ଗଡ଼ନାୟକ, ବିଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବୃଦ୍ଧାବୃଦ୍ଧମାନଙ୍କୁ କମ୍ବଳ ଓ ଛାତ୍ରୀଛାତ୍ରଙ୍କୁ ପୋଷାକ, ଖାତା, ବ୍ୟାଗ ବଣ୍ଟନ କରାଯାଇଥିଲା। ସେହିପରି ଯୁବକମାନଙ୍କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଆୟୋଜିତ ପୋଲିସ ଜନ ସମ୍ପର୍କ ଶିବିର।

## ■ସ୍କୁଲ ଶିକ୍ଷକ, କର୍ମଚାରୀ ସମ୍ମିଳନୀ

# ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱ



ଅନୁଗୋଳ ଅଫିସ, ୬।୧

ଅନୁଗୋଳ ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀ ସମ୍ମିଳନୀ ରବିବାର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛେଳିଆପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବେଡ଼ାଶାସନର ପ୍ରଧାନ ଶିକ୍ଷକ ଅର୍ଜୁନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିପ୍ରା, ଅନୁଗୋଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ ଯୋଗ ଦେଇ ବ୍ଲକ ତଥା ଜିଲାରେ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଉପରେ ଆଲୋଚନା କରିଥିଲେ। ଏଥିସହ ସମଗ୍ର ଜିଲା କିପରି ଉନ୍ନତମାନର ଶୈକ୍ଷିକ ବାତାବରଣ ସୃଷ୍ଟି କରାଯିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୨୪୦ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଗତବର୍ଷ ଅବସର ନେଇଥିବା ଦୁର୍ଗାଚରଣ ବିଶୋଇ, ସନ୍ତୋଷ କୁମାର ପାଢ଼ୀ, ପ୍ରଫୁଲ୍ଲ ସ୍ୱାଇଁ, ବିଜୟଲକ୍ଷ୍ମୀ ଭଞ୍ଜ, ଦାଶରଥି ସାହୁ, ପ୍ରମୋଦ କୁମାର ତ୍ରିପାଠୀ, ପଦ୍ମଲୋଚନ ପ୍ରଧାନ, ଚନ୍ଦ୍ରମଣି ନାଏକ, କଳ୍ପନା ସାହୁ ଓ ବ୍ରଜମୋହନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା, ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁଣ୍ଡିଚାରାଣୀ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମର୍ଣ୍ଣିଂଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୬।୧

ଅନୁଗୋଳ କଦମପଡ଼ିଆ ଠାରେ ତୃତୀୟ ମର୍ଣ୍ଣିଂଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆଜିର ମ୍ୟାଚ କଟକ ମର୍ଣ୍ଣିଂଷ୍ଟାର ସହ ଫାଇଲିନ ତାଳଚେର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଟକ ମର୍ଣ୍ଣିଂଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୭୫ ରନ କରିଥିଲା। ଜବାବରେ ଫାଇଲିନ ଦଳ ୧୫୭ ରନ କରି ପରାସ୍ତ ହୋଇଥିଲା। କଟକ ଦଳର ମିଲୁ ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସାଗରନାଥ ମିଶ୍ର, ପ୍ରଭାତ ସ୍ନିହା, ରଣଜିତ ମାଣ୍ଡୋଠିଆ ଅତିଥି ଭାବେ ଉପସ୍ଥିତ ଥିଲେ। ଜୟକୁମାର ରାଉତ ଓ ସଞ୍ଜିତ ପାତ୍ର ଖେଳ ପରିଚାଳନା କରିଥିଲେ।




ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ଜର୍ସି ଉନ୍ମୋଚନ କରାଯାଉଛି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଆଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ଜାନୁୟାରୀ ୭ /୨୦୧୯ Dhenkanal, Monday, January 7 / 2019

## ରେଳ ଧାରଣା ପାର ହେଲେ ସ୍କୁଲ

# ଜୀବନ ଲାଗୁଛି ବାଜି



ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଭାବେ ରେଳଧାରଣା ପାର ହେଉଛନ୍ତି।

**ଢେଙ୍କାନାଳ ଅଫିସ, ୬।୧**

ଟ୍ରାକ୍‌ରେ ଅଟକିଛି ଟ୍ରେନ୍। ଧାରଣା ଆଉ ଟ୍ରେନ୍‌ଚକ ମଧ୍ୟରେ ଥିବା ଫାଙ୍କା ସ୍ଥାନରେ ଜୀବନକୁ ବାଜି ଲଗାଇ ଏପାଖରୁ ସେପାଖକୁ ଯାଉଛନ୍ତି ପିଲାଏ। ଏସବୁ କେବଳ ପାଠପଢ଼ା ପାଇଁ। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ତେନ୍ତୁଲିଆପଡ଼ା ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଲାଗି ଏହା ନିତିଦିନିଆ କଥା। ପିଲାମାନେ ଜୀବନକୁ ବିପଦରେ ପକାଇ ଦୈନିକ ଏପରି ସଂଘର୍ଷମୟ ଯାତ୍ରା କରୁଥିବାବେଳେ ପ୍ରଶାସନ ଏ ଦିଗରେ ଚିନ୍ତା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ତେନ୍ତୁଲିଆପଡ଼ା ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଲାଗି ସ୍କୁଲ ଯିବାକୁ ସବୁଦିନିଆ ରାସ୍ତା ନାହିଁ। ପିଲାମାନେ ବହିବସ୍ତାନି ଧରି ରେଳ ଧାରଣା ପାର ହୋଇ ସ୍କୁଲକୁ ଯାଇଥାନ୍ତି। ଜିଲା ସଦର ମହକୁମାରୁ ମାତ୍ର ୧୫ କିମି ଦୂର ତଥା ୫୫ନଂ. ଜାତୀୟ ରାଜପଥ ନିକଟ ଥିବା ଉକ୍ତ ଗ୍ରାମର ସ୍କୁଲପଢୁଆ ପିଲାଙ୍କ ସୁରକ୍ଷିତ ଗମନାଗମନ ପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ବିମୁଖ। ଅନ୍ୟପଟେ ଛାତ୍ରୀଛାତ୍ରଙ୍କୁ ଏ ଦିଗରେ ଆବଶ୍ୟକ ସଚେତନ ମଧ୍ୟ କରାଯାଉନାହିଁ। ଫଳରେ ସେମାନେ ଜୀବନକୁ ବିପଦରେ ପକାଇ ରେଳଧାରଣା ପାର ହେଉଥିବା ଅଭିଭାବକମାନେ କହିଛନ୍ତି।

୪ବର୍ଷ ତଳେ ତେନ୍ତୁଲିଆପଡ଼ା ନିକଟ କାଉଁରିଆପାଳ ରେଳଧାରଣା ନିକଟରେ ଘଟିଥିଲା ହୃଦୟ ବିଦାରକ ଦୁର୍ଘଣା। ରେଳ ଧାରଣା ପାର ହେଉଥିବାବେଳେ ଏକା ସମୟରେ ଦୁଇଟି ଟ୍ରେନ୍ ଆସିଯିବାରୁ ୪ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଉତ୍କାଳୀନ ସମୟରେ ସାରା ରାଜ୍ୟରେ ସୃଷ୍ଟି କରିଥିଲା ଆଲୋଡ଼ନ। ଏହାର ପ୍ରତିକାର କରିବାକୁ ଗ୍ରାମବାସୀ ବହୁବାର ଜିଲା ପ୍ରଶାସନକୁ ଜଣାଇବା ସହିତ ଆନ୍ଦୋଳନାତ୍ମକ ପନ୍ଥା ମଧ୍ୟ ଗ୍ରହଣ କରିଛନ୍ତି। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

ଅପରପକ୍ଷେ ଢେଙ୍କାନାଳ-ସମ୍ବଲପୁର ଟ୍ରାକ୍ ରାଜ୍ୟର ଅନ୍ୟତମ ବ୍ୟସ୍ତବହୁଳ ରେଳପଥ। ଦୈନିକ ଶତାଧିକ ଟ୍ରେନ୍ ଉକ୍ତ ରୁଟ୍‌ରେ ଯାଇଥାଏ। ସିଗ୍‌ନାଲ ସମସ୍ୟା ଉପୁଜିଲେ ମାଲଗାଡ଼ିଗୁଡ଼ିକ ସାମୟିକ ଭାବେ ଅଟକି ରହିଥାନ୍ତି। ଏହି ସମୟରେ ସ୍କୁଲ ଛୁଟି ହେଲେ ପିଲାମାନେ ମାଲ ଗାଡ଼ି ତଳେ ବିପଦକୁ ବରଣ କରି ଯିବାଆସିବା କରୁଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ନେଇ ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା କୁହନ୍ତି, ପ୍ରତି ସ୍କୁଲରେ ଟ୍ରାଫିକ ନିୟମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଭଲଭାବେ ଅବଗତ କରାଯାଉଛି। ତେନ୍ତୁଲିଆପଡ଼ା ଅଞ୍ଚଳରେ ସ୍କୁଲକୁ ଯିବା ପାଇଁ ରାସ୍ତା ସମସ୍ୟା ରହିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ କୁହନ୍ତି, ଘଟଣାସ୍ଥଳ ପରିଦର୍ଶନ ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

## ଆତ୍ମରକ୍ଷା କୌଶଳ ଶିଖିଲେ ୧୨୦ ଛାତ୍ରୀ

**ଢେଙ୍କାନାଳ ଅଫିସ, ୬।୧**

ଓଡ଼ାପଡ଼ା ବ୍ଲକ ସିମିଳଇ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୁଇ ପର୍ଯ୍ୟାୟରେ ୧୨୦ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଧ୍ୟକ୍ଷ ଧର୍ମାନନ୍ଦ ପୃଷ୍ଟି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଶୁଭଲକ୍ଷ୍ମୀ ପଟ୍ଟନାୟକ, ମମତା ପଣ୍ଡା, ସଂଯୋଜିକା କବିତା ମିଶ୍ର ଯୋଗଦେଇ ଶିଖିଥିବା କୌଶଳର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପୂଜା ବେହେରା, ଜ୍ୟୋତିର୍ମୟୀ ମହାନ୍ତି ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ।

## ଜଗନ୍ନାଥପୁର ପଞ୍ଚାୟତ ହାଇସ୍କୁଲର ପ୍ରତିଷ୍ଠା ଦିବସ

# ସ୍ମରଣିକାରେ ସାଇତାଯିବ ସ୍ମୃତି

**କାମାକ୍ଷାନଗର, ୬।୧(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ହାଇସ୍କୁଲର ୩୧ତମ ପ୍ରତିଷ୍ଠା ଦିବସ ଶନିବାର ଶିକ୍ଷାନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପୁରାତନ ଛାତ୍ରୀଛାତ୍ର ଏକାଠି ହୋଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପ୍ରଧାନଶିକ୍ଷକ ଗଜେନ୍ଦ୍ର ନାୟକଙ୍କ ଉପସ୍ଥିତିରେ କେକ୍ କଟାଯାଇ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା।

ଦୀର୍ଘ ତିନି ଦଶନ୍ଧି ଧରି ଅଞ୍ଚଳବାସୀଙ୍କ ଲାଗି ଶିକ୍ଷାର ଆଲୋକବର୍ତ୍ତିକା ସାଜିଛି ଏହି ସ୍କୁଲ। ସ୍କୁଲକୁ ନେଇ ଅନେକ ସ୍ମୃତି



ସ୍କୁଲ ପ୍ରତିଷ୍ଠା ଦିବସରେ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ।

ଜଡ଼ିତ ହୋଇ ରହିଛି। ସେସବୁକୁ ଏକାଠି କରି ଏକ ସ୍ମରଣିକା ପ୍ରକାଶନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘ ସଭାପତି ବିଭୂତି ଖଟୁଆ, ସମ୍ପାଦକ ଦୁର୍ଯ୍ୟୋଧନ ନାୟକ, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଆଏଚ୍, ଶିକ୍ଷକ ଛାୟାକାନ୍ତ ଦାସ, ମନୋଜ ବରାଳ, ରମାକାନ୍ତ ପରିଡ଼ା, ପ୍ରଦ୍ୟୁମ୍ନ ଖୁଣ୍ଟିଆଙ୍କ ସମେତ ବହୁ ଛାତ୍ରୀଛାତ୍ର ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୬।୧**

ଢେଙ୍କାନାଳ ମହାବୀର ବଜାରରେ ରହୁଥିବା ବରିଷ୍ଠ ସାମାଜିକ କର୍ମୀ ଅଚ୍ୟୁତାନନ୍ଦ ଶତପଥୀଙ୍କ ଶନିବାର ଅପରାହ୍ଣରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଜିଲା ଦୌରାଜଜ୍‌ଙ୍କ ଅଦାଲତ ପରିସରରେ ରଖାଯାଇଥିଲା। ସେଠାରେ ଓକିଲ ସଂଘ, କୋର୍ଟ ଏବଂ ମୋହରିର ସଂଘର କର୍ମଚାରୀମାନେ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।




# ୧୧ରୁ ରାମଚଣ୍ଡୀ ମହୋତ୍ସବ

**ଓଡ଼ାପଡ଼ା, ୬।୧(ଡି.ଏନ.ଏ.)**

ଓଡ଼ାପଡ଼ା ବ୍ଲକର ପ୍ରସିଦ୍ଧ ଶକ୍ତିକ୍ଷେତ୍ର ନାଧରା ରାମଚଣ୍ଡୀ ପୀଠରେ ଜାନୁୟାରୀ ୧୧ରୁ ଆରମ୍ଭ ହେଉଛି ୨ୟ ରାମଚଣ୍ଡୀ ମହୋତ୍ସବ ଏବଂ ୨୩ତମ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ। ଭାରତୀୟ ସଂସ୍କୃତି ଏବଂ ଲୋକକଳାର ଅପୂର୍ବ ସମନ୍ୱୟ ଚଳିତବର୍ଷ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବ। ଏହାକୁ ଶୃଙ୍ଖଳିତ କରିବାକୁ ମା' ରାମଚଣ୍ଡୀ ସେବା

- ରାଜସ୍ଥାନ, ମହାରାଷ୍ଟ୍ର, ଆସାମରୁ ଆସିବେ ଶିଳ୍ପୀ
- ଆକର୍ଷଣ ସାଜିବ ବିହୁ, ଢେମ୍‌ସା, ଛଉ ନୃତ୍ୟ
- କଳସ ଯାତ୍ରାରେ ସାମିଲ ହେବେ ୩ ହଜାର ମହିଳା

ପରିଷଦ ପକ୍ଷରୁ ଜାରି ରହିଛି ବ୍ୟାପକ ପ୍ରସ୍ତୁତି। ଏସବୁକୁ ନେଇ ଚଳଚଞ୍ଚଳ ହୋଇଉଠିଛି ରାମଚଣ୍ଡୀ ପୀଠ।

ଚଳିତବର୍ଷ ରାମଚଣ୍ଡୀ ମହୋତ୍ସବକୁ ଆମନ୍ତ୍ରିତ ହୋଇ ଆସୁଛନ୍ତି ରାଜସ୍ଥାନ, ମହାରାଷ୍ଟ୍ରର ଲୋକନୃତ୍ୟ ଦଳ। ସେହିପରି ଆସାମର ବିହୁ, ନବରଙ୍ଗପୁରର ଢେମ୍‌ସା, ମୟୂରଭଞ୍ଜର ଛଉ, ପୁରୀର ଗୋଟିପୁଅ, ବରଗଡ଼ର ସମ୍ବଲପୁରୀ ଏବଂ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରତି ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ରହିଥିବାବେଳେ ମ୍ୟାଜିକ୍ ଶୋ' କାର୍ଯ୍ୟକ୍ରମ ମଧ୍ୟ ରହିଛି।ବ୍ରାହ୍ମଣୀ ନଦୀ ପଠାର ଗହଳିଆ ଆମ୍ବତୋଟାରେ ଥିବା ବ୍ରାହ୍ମଣୀ ମୁକ୍ତାକାଶ ରଙ୍ଗମଞ୍ଚରେ ୩ଦିନ ଧରି ଏହି ଉତ୍ସବ ଚାଲିବ ବୋଲି କମିଟିର କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ସୂଚନା ଦେଇଛନ୍ତି।

ସେହିପରି ଶ୍ରୀବିଷ୍ଣୁ ମହାଯଜ୍ଞ ପାଇଁ ୧୧ ତାରିଖରେ କଳସ ଯାତ୍ରା, ୧୨ ଓ ୧୩ରେ ଯଜ୍ଞାନୁଷ୍ଠାନ, ୧୪ରେ ମହାଯଜ୍ଞରେ ପୂର୍ଣ୍ଣାହୁତି ହେବ। କଳସ ଯାତ୍ରାରେ ୩ ହଜାରରୁ ଊର୍ଦ୍ଧ୍ୱ ମହିଳା ସାମିଲ ହେବେ। ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ସମସ୍ତ ବନ୍ଦୋବସ୍ତ କରାଯାଉଥିବା ମା' ରାମଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ସମ୍ପାଦକ ପ୍ରଦୀପ କୁମାର ସାମଲ ସୂଚନା ଦେଇଛନ୍ତି।

# ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୩ ଗିରଫ

**ଢେଙ୍କାନାଳ ଅଫିସ,୬।୧**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳରେ ଥିବା ଦଳିତ ସାହିରେ ରବିବାର ସନ୍ଧ୍ୟାରେ ବାଟି ଖେଳକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଚନ୍ଦନ ମଲ୍ଲିକଙ୍କ ସମେତ ଦୁଇଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ଗୋଷ୍ଠୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ ଉକ୍ତ ଅଞ୍ଚଳର ରଣଜିତ୍ ମଲ୍ଲିକ ଓରଫ୍ ଗୋପାଳ, ଜଗବନ୍ଧୁ ମଲ୍ଲିକ, ଧରମା ମଲ୍ଲିକଙ୍କୁ ଗିରଫ କରାଯାଇଥିବା ନିରୁପମା ଜେନା କହିଛନ୍ତି। ଏ ସଂକ୍ରାନ୍ତରେ କେସ୍ ନଂ. ୮/୧୯ ଓ ୯/୧୯ରେ ମାମଲା ରୁଜୁ ହୋଇଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ